# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**2 April - 2024**

**News Editor : Tapan Kumar Maharana**

**************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ୧୧୨ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା ଭାରତୀୟ ଜନତା ପାର୍ଟି
- ଭାରତର ନିର୍ବାଚନ କମିଶନ ଓଡ଼ିଶା ପାଇଁ ନିଯୁକ୍ତି ଦେଲେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ
- ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ଓ ଅଙ୍ଗନୱାଡିରେ ଆଜିଠାରୁ ସକାଳୁଆ ପାଠପଢ଼ା ଆରମ୍ଭ

ଏବଂ

- ଶିଶୁଙ୍କର ମାନସିକ ଏବଂ ସ୍ନାୟୁଗତ ସମସ୍ୟା ଅଟିଜିମ୍‌କୁ  ନେଇ ଆଜି ପାଳିତ ହେଉଛି ବିଶ୍ୱ ଅଟିଜିମ୍ ଦିବସ

# ବିଜେପି ପ୍ରାର୍ଥୀ ତାଲିକା

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ନିର୍ବାଚନ କମିଟି ଆଜି ଓଡ଼ିଶା ପାଇଁ ୧୧୨ ଜଣ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଦଳ ପକ୍ଷରୁ ଘୋଷଣା କରାଯାଇଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ପୁରୀ ବିଧାନସଭା ଆସନରୁ ଜୟନ୍ତ କୁମାର ଷଡଙ୍ଗୀ, ଚିଲିକାରୁ ପୃଥ୍ୱୀରାଜ ହରିଚନ୍ଦନ, କେନ୍ଦୁଝରରୁ ମୋହନ ମାଝୀ, ସୁନ୍ଦରଗଡ଼ରୁ କୁସୁମ ଟେଟେ, ଗୋପାଳପୁରରୁ ବିଭୂତି ଭୂଷଣ ଜେନା, ଦିଗପହଣ୍ଡିରୁ ସିଦ୍ଧାନ୍ତ ମହାପାତ୍ର, ପାରଳାଖେମୁଣ୍ଡିରୁ କେ. ନାରାୟଣ ରାଓଙ୍କୁ ପ୍ରାର୍ଥୀ କରାଯାଇଛି । ସେହିଭଳି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଚାନ୍ଦବାଲି ଆସନରୁ ପ୍ରାର୍ଥୀ ହୋଇଥିବାବେଳେ ଦଳର ବରିଷ୍ଠ ନେତା କନକ ବର୍ଦ୍ଧନ ସିଂଦେଓଙ୍କୁ ପାଟଣାଗଡ଼ରୁ ପ୍ରାର୍ଥୀ କରାଯାଇଛି । ବରଗଡ଼ ସାଂସଦ ସୁରେଶ ପୂଜାରୀଙ୍କୁ ଦଳ ବ୍ରଜରାଜନଗର ଆସନରୁ ପ୍ରାର୍ଥୀ କରିଛି । ଅନ୍ୟପକ୍ଷରେ, ଯାଜପୁର ଜିଲ୍ଲା କୋରେଇରୁ ଆକାଶ ଦାସନାୟକ, ରାଜଗାଙ୍ଗପୁରରୁ ନରସିଂହ ମିଞ୍ଜ୍, କୁଚିଣ୍ଡାରୁ ରବି ନାରାୟଣ ନାୟକ, ବାରିପଦାରୁ ପ୍ରକାଶ ସୋରେନ୍, ବାଲେଶ୍ୱରରୁ ମାନସ ଦତ୍ତ ଏବଂ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ପୁଣିଥରେ ଧାମନଗର ବିଧାନସଭା ଆସନରୁ ଦଳ ପ୍ରାର୍ଥୀ କରିଛି ।

ଭୁବନେଶ୍ୱର ଜୟଦେବ ଆସନରୁ ଅରବିନ୍ଦ ଢାଲି, ଏକାମ୍ରରୁ ବାବୁ ସିଂ ଏବଂ ପ୍ରିୟଦର୍ଶୀ ମିଶ୍ରଙ୍କୁ ଭୁବନେଶ୍ୱର ଉତ୍ତର ଆସନରୁ ବିଜେପି ପ୍ରାର୍ଥୀ

କରିଥିବାବେଳେ ଭୁବନେଶ୍ୱର ମଧ୍ୟ ଆସନରୁ ଜଗନ୍ନାଥ ପ୍ରଧାନ ପ୍ରାର୍ଥୀ ହୋଇଛନ୍ତି। ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିପକ୍ଷରେ ହିଞ୍ଜିଳି ଆସନରୁ ଶିଶିର ମିଶ୍ରଙ୍କୁ ଦଳ ପ୍ରାର୍ଥୀ କରିଛି। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣାରୁ ଅମର ନାୟକ, ତାଳଚେରରୁ କାଳନ୍ଦୀ ସାମଲ, ଲୋଇସିଂହାରୁ ମୁକେଶ ମହାଲିଙ୍ଗ, ବଲାଙ୍ଗିରରୁ ଗୋପାଳଜୀ ପାଣିଗ୍ରାହୀ, ଉମରକୋଟରୁ ନିତ୍ୟାନନ୍ଦ ଗଣ୍ଡ, ବୌଦ୍ଧରୁ ସରୋଜ ପ୍ରଧାନ, ଚୌଦ୍ୱାର-କଟକରୁ ନୟନ କିଶୋର ମହାନ୍ତି, କଟକ ସଦରରୁ ପ୍ରକାଶ ଚନ୍ଦ୍ର ସେଠୀ, ପାଟକୁରାରୁ ତେଜେଶ୍ୱର ପରିଡା, ତିର୍ତ୍ତୋଲରୁ ରାଜକିଶୋର ବେହେରା,  ନୟାଗଡ଼ରୁ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଏବଂ ମାଲକାନଗିରି ଆସନରୁ ନରସିଂହ ମାଡକାମୀ ପ୍ରାର୍ଥୀ ହୋଇଛନ୍ତି।

## ଇସିଆଇ-ସ୍ପେସାଲ ଅବଜରଭର୍ସ

ଭାରତର ନିର୍ବାଚନ କମିଶନ ଆଜି ଓଡ଼ିଶା ସମେତ ୬ଟି ରାଜ୍ୟ ପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି।  ଏହି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନେ ଓଡ଼ିଶା, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶରେ ନିରାପତ୍ତାରକ୍ଷୀ ମୁତୟନ ଓ ଭୋଟିଂ ମେସିନ୍ ପହଞ୍ଚାଇବା ଭଳି କାର୍ଯ୍ୟର ତଦାରଖ କରିବେ । ସେମାନେ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟଠାରେ ରହିବେ ଓ ଆବଶ୍ୟକସ୍ଥଳେ ଉତ୍ତେଜନାପ୍ରବଣ ଅଞ୍ଚଳଗୁଡ଼ିକୁ ଯାଇ ଆଞ୍ଚଳିକ ମୁଖ୍ୟ ଓ ନୋଡାଲ ଅଫିସରମାନଙ୍କଠାରୁ ତଥ୍ୟ ସଂଗ୍ରହ କରିବେ। ଏମାନେ ସୀମାନ୍ତ ଇଲାକା ଉପରେ ଅଧିକ ଧ୍ୟାନ ଦେବେ । ଏଥି ସହିତ ନିର୍ବାଚନ କମିଶନ

ମଧ୍ୟ ଓଡ଼ିଶା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଏବଂ ଉତ୍ତରପ୍ରଦେଶରେ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକମାନଙ୍କୁ ମୁତୟନ କରିଛନ୍ତି ।

## ସମ୍ବଲପୁର ନିର୍ବାଚନ

୨୦୨୪ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ପ୍ରସ୍ତୁତି ଆରମ୍ଭ ହୋଇଛି । ସେହିପରି ନିର୍ବାଚନକୁ ସୁରୁଖୁରୁରେ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ଜିଲ୍ଲାରେ ଥିବା ୪ଟି ନିର୍ବାଚନ ମଣ୍ଡଳୀର ନିୟୋଜିତ ହେବାକୁ ଥିବା କର୍ମଚାରୀଙ୍କୁ ମଧ୍ୟ ତାଲିମ ପ୍ରଦାନ କରାଯାଉଛି ।

ନିର୍ବାଚନ ପ୍ରସ୍ତୁତି ନେଇ ଜିଲ୍ଲା ରିଟର୍ଣ୍ଣିଂ ଅଫିସର ତଥା ଜିଲ୍ଲାପାଳ ଅଗ୍ରୱାଲ ଅକ୍ଷୟ ସୁନିଲ କହିଛନ୍ତି...

**- V/O -**

(ଅଗ୍ରୱାଲ ଅକ୍ଷୟ ସୁନିଲ, ଜିଲ୍ଲାପାଳ ସମ୍ବଲପୁର)

ସେହିପରି ଆମର ସମ୍ବଲପୁର ସମ୍ବାଦତାତା ଗୁଣମଣି ବିଶ୍ୱାଲ କହିଛନ୍ତି...

**- V/O -**

(ଗୁଣମଣି ବିଶ୍ୱାଲ, ସମ୍ବଲପୁର ସମ୍ବାଦଦାତା)

## ସ୍କୁଲ ନାମଲେଖା–ଏପ୍ରିଲ ୨

୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଛାତ୍ରଛାତ୍ରୀମାନଙ୍କ ବୟସ ଅନୁସାରେ ସେମାନଙ୍କୁ ସଠିକ୍ ଶ୍ରେଣୀରେ ନାମ ଲେଖାଇବା ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି । ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଓସେପା ପକ୍ଷରୁ ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ଏହି ବାବଦରେ ନିର୍ଦ୍ଦେଶ ଦିଆଯାଇଛି । ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ସମିଟିଭ୍ ଆସେସମେଣ୍ଟ-୨ ପରୀକ୍ଷାଫଳ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷମାନେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଆଜି ଅବଗତ କରାଉଛନ୍ତି । ଶିକ୍ଷାବର୍ଷ ଆଜିଠାରୁ ଆରମ୍ଭ ହେବା ପରେ ପିଲାମାନଙ୍କୁ ମାଗଣା ପାଠ୍ୟପୁସ୍ତକ ବଣ୍ଟନ କରାଯିବ ବୋଲି ଜିଲ୍ଲାସ୍ତରର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ଓସେପା ପ୍ରକଳ୍ପ ନିର୍ଦ୍ଦେଶକ ଅନୁପ ଶାହା ଚିଠି ଲେଖିଛନ୍ତି ।

## ସକାଳୁଆ ସ୍କୁଲ୍

ଚଳିତ ଶିକ୍ଷାବର୍ଷ ୨୦୨୪-୨୫ ଆଜିଠାରୁ ଆରମ୍ଭ ହୋଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସକାଳୁଆ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟଗୁଡ଼ିକରେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ହେବ । ସେହିପରି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଆଜି ସକାଳୁ ଆରମ୍ଭ ହୋଇଛି ।

## ତାରାତାରିଣୀ ପୀଠ-ଗଞ୍ଜାମ

**ଗଞ୍ଜାମ** ଜିଲ୍ଲାର ଇଷ୍ଟ ଦେବୀ ମା’ ତାରାତାରିଣୀଙ୍କର ପୀଠରେ ଆଜି ଦ୍ୱିତୀୟ ପାଳି ଚୈତ୍ର ମଙ୍ଗଳବାର ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଛି। ମଧ୍ୟରାତ୍ରି ପ୍ରାୟ ସାଢ଼େ ଗୋଟାଏରୁ ମନ୍ଦିର ଦ୍ୱାର ଫିଟାଯାଇ ପରମ୍ପରା ଅନୁଯାୟୀ, ମଙ୍ଗଳ ଆଳତି, ଅବକାଶ, ମାଜଣା, ସିଂଙ୍ଗାର, ଅଭିଷେକ, ନୀତିକାନ୍ତି ସରିବା ପରେ ମାଆ ତାରା-ତାରିଣୀ ଦୁଇ ଭଉଣୀଙ୍କୁ ମା’ ଲକ୍ଷ୍ମୀ ବେଶରେ ସଜ୍ଜିତ କରାଯାଇଥିଲା। ସକାଳ ସାଢ଼େ ୪ଟାରେ ସାହାଣମେଳା ହେବା ପରେ ମାଆ ତାରା-ତାରିଣୀ ମା’ ଲକ୍ଷ୍ମୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବାରୁ ପୁଲିସ୍ ପକ୍ଷରୁ ୧୧ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ସହିତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ଶାନ୍ତିଲତା ବାରିକଙ୍କ ଶେଷକୃତ୍ୟ

ଲୋକପ୍ରିୟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କର ଆଜି ପୁରୀ ସ୍ୱର୍ଗଦ୍ୱାରରେ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସଂପନ୍ନ ହୋଇଛି। ଗତକାଲି ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ପରଲୋକ ହୋଇଥିଲା।

# ମାଗୁଣି କୁଅଁର ଗୁରୁତର

ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କର ସ୍ୱାସ୍ଥ୍ୟାବସ୍ଥାର ଉତ୍ତମ ଚିକିତ୍ସା ଲାଗି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। କାଠି କଣ୍ଢେଇର ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କୁ ଆଜି ସକାଳେ ସ୍ୱାସ୍ଥ୍ୟରେ ଅବନତି ଘଟିବା ଯୋଗୁଁ

ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କଣ୍ଢେଇ ନୃତ୍ୟକୁ ବିଶ୍ୱ ଦରବାରରେ ପରିଚିତ କରିଥିବାରୁ ତାଙ୍କୁ ଭାରତ ସରକାର ଗତବର୍ଷ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ।

# ଅଟିଜିମ୍ ଦିବସ

ଆଜି ବିଶ୍ୱ ଅଟିଜିମ୍ ଦିବସ । ଅଟିଜିମ ରୋଗ ମସ୍ତିଷ୍କର କାର୍ଯ୍ୟ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ମସ୍ତିଷ୍କର ବିକାଶ ସମ୍ବନ୍ଧୀୟ ରୋଗ ସାଧାରଣ ଭାବେ ଶୈଶବ ଅବସ୍ଥାରୁ ଆରମ୍ଭ ହୋଇଥାଏ । ଏହି ରୋଗର ଶିକାର ହୋଇଥିବା ଶିଶୁ ଏବଂ ବୟସ୍କ ଲୋକମାନେ ଦେଖିବା, ଶୁଣିବା ଏବଂ ଅନୁଭବ କରିବାର ଲକ୍ଷଣରେ ବିଚ୍ୟୁତି ଦେଖାଦେଇଥାଏ । ଅଟିଜିମ୍ ରୋଗରେ ଆକ୍ରାନ୍ତ ଶିଶୁଙ୍କ ଭାଷାର ପରିପ୍ରକାଶ ଏବଂ ଶ୍ରବଣ ଶକ୍ତି ବହୁ ପରିମାଣରେ ହ୍ରାସ ଘଟିଥାଏ । ଅଟିଜିମ୍ ଏକ ସ୍ନାୟୁଗତ ସମସ୍ୟା ହୋଇଥିବାରୁ ଶୈଶବ ଅବସ୍ଥାରେ ଜଣେ ଶିଶୁର ମସ୍ତିଷ୍କେ ସଠିକ୍ ଭାବରେ ବିକଶିତ ହୋଇ ନଥାଏ। ଜନ୍ମ ସମୟରେ ଏହି ରୋଗ ବାବଦରେ ଜଣାପଡି ନଥାଏ। ଧୀରେ ଧୀରେ ପିଲାଟିର ଶାରୀରିକ ଅଭିବୃଦ୍ଧି ଘଟିଲେ ଏହି ରୋଗର ଲକ୍ଷଣ ଦେଖାଦେଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁସାରେ, ପ୍ରତି ୧୦୦ ଜଣ ଶିଶୁଙ୍କ ମଧ୍ୟରେ ଜଣେ ଅଟିଜିମ୍ ରୋଗର ଶିକାର ହୋଇଥାନ୍ତି। ଅଟିଜିମ୍ ରୋଗର ଚିକିତ୍ସା କରାଇପାରିଲେ ଶିଶୁର

ବ୍ୟବହାରରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଥାଏ ଏବଂ ଶିଶୁର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ ।

## ପାଣିପାଗ

ଚଳିତ ଗ୍ରୀଷ୍ମଋତୁରେ ଗ୍ରୀଷ୍ମ ପ୍ରବାହ ସାମାନ୍ୟରୁ ଯଥେଷ୍ଟ ଅଧିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ଆସନ୍ତାକାଲିଠାରୁ ଗ୍ରୀଷ୍ମ ପ୍ରବାହର ମାତ୍ରା ବୃଦ୍ଧି ପାଇବ । ଗ୍ରୀଷ୍ମପ୍ରବାହ ଆସନ୍ତା ୨୦ ଦିନ ପର୍ଯ୍ୟନ୍ତ ଜାରି ରହିବ । ଅନ୍ୟପକ୍ଷରେ, ଚଳିତ ମାସରୁ ଜୁନ୍ ମାସ ପର୍ଯ୍ୟନ୍ତ ତାପମାତ୍ରା ଅଧିକ ରହିବା ସହ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଗରମ ଏବଂ ଗୁଳୁଗୁଳି ଅଧିକ ହେବ ବୋଲି ପାଣିପାଗ ବିଭାଗ କହିଛି । ସୂଚନା ଅନୁସାରେ, ଏପ୍ରିଲ୍ ମାସରେ ରାଜ୍ୟରେ ହାରାହାରି ୧ ରୁ ୩ ଦିନ ଗ୍ରୀଷ୍ମପ୍ରବାହର ଅବଧି ରହୁଥିବାବେଳେ ଚଳିତବର୍ଷ ଏପ୍ରିଲ ମାସରେ ୩ ରୁ ୮ ଦିନ ପ୍ରବଳ ଗ୍ରୀଷ୍ମପ୍ରବାହ ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।

ରାଜ୍ୟରେ ଆସନ୍ତା ୬ ତାରିଖ ସୁଦ୍ଧା ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ଏବଂ ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିବ ବୋଲି ଅନୁମାନ କରାଯାଇଛି । ଆଜି ମଧ୍ୟାହ୍ନ ସୁଦ୍ଧା ବାରିପଦା ଓ ଝାରସୁଗୁଡ଼ାର ତାପମାତ୍ରା ୪୦ ଦଶମିକ ୪ ଡିଗ୍ରୀ ଥିଲା ।